Sambad 31.7.11

# ରାଜ୍ୟ ଅର୍ଥ ନିଗମର ବାର୍ଷିକ ଅଧିବେଶନ

# ୫୦ କୋଟି ଟଙ୍କା ଋଣ ଦିଆଯିବ

କଟକ,୩୦।୭(ଇମିସ): ଓଡ଼ିଶା ରାଜ୍ୟ ଅର୍ଥ ନିଗମର ଚଳିତ ୨୦୧୦-୧୧ ଆର୍ଥିକ ବର୍ଷର ୫୪ତମ ବାର୍ଷିକ ସାଧାରଣ ଅଧିବେଶନ ନିଗମର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ନିଗମର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ବୋଷ ସ୍ୱାଗତ ଭାଷଣ ଦେଇଥିଲେ । ରାଜ୍ୟ ଅର୍ଥ ନିଗମର ଅଧ୍ୟକ୍ଷ ତଥା ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଟି. ରାମଚନ୍ଦ୍ର ଚଳିତ ଚଳିତ ଆର୍ଥିକ ବର୍ଷର ଲାଭ କ୍ଷତିର ବିବରଣୀ ପ୍ରକାଶ କରିଥିଲେ । ୨୦୧୦-୧୧ ମସିହାରେ ନିଗମ ୬୧ଲକ୍ଷ ଟଙ୍କା ଲାଭ କରିଥିବାର ସେ ସୂଚନା ଦେଇଥିଲେ । କାର୍ଯ୍ୟକାରୀ ପୁଞ୍ଜି ଶିଳ୍ପୋଦ୍ୟୋଗୀଙ୍କୁ ସହଜ ଓ ସ୍ୱଳ୍ପ ସମୟରେ ଉପଲବ୍ଧ କରିବାର ଲକ୍ଷ୍ୟ ନେଇ ନିଗମ ୟୁନିଅନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସହିତ ଚୁକ୍ତିବଦ୍ଧ ହୋଇଥିବାର ସେ ପ୍ରକାଶ କରିଥିଲେ । ଏପରିକି ପ୍ରକଳ୍ପର ଆକଳନକୁ ଲକ୍ଷ୍ୟ କରି ସ୍ଥଳ ବିଶେଷରେ ସିଡ଼ିବି ସହିତ ଯୁଗ୍ମ ବିତ୍ତୀୟ ସହଯୋଗ ଭିତ୍ତିରେ ଋଣ ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ ହୋଇଛି । ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ନିଗମ ୫୦କୋଟି ଟଙ୍କାର ଋଣ ପ୍ରଦାନ କରିବାର ଲକ୍ଷ ଧାର୍ଯ୍ୟ ରଖି ଏହାର ୧୫ଟି ଶାଖା କାର୍ଯ୍ୟାଳୟକୁ ଉପରୋକ୍ତ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ନିର୍ଦ୍ଦେଶ ହୋଇଛି ଏବଂ ସେମାନଙ୍କର କାର୍ଯ୍ୟ ବିବରଣୀକୁ ନିୟମିତ ଭାବରେ ସମୀକ୍ଷା କରାଯାଇଛି । ସେହିପରି ଋଣ ଆଦାୟ କ୍ଷେତ୍ରରେ ନିଗମ ବିଗତ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ୪୦କୋଟି ଟଙ୍କାକୁ ଅତିକ୍ରମ କରି ୪୨.୦୩କୋଟି ଟଙ୍କା କରିଥିବାରୁ ଅଧିବେଶନରେ ସନ୍ତୋଷ ପ୍ରକାଶ ପାଇଥିଲା । ଏହି ବୈଠକରେ ଶିଳ୍ପ ବିଭାର ଅତିରିକ୍ତ ଶାସନ ସଚିବ ସରେଶ ଚନ୍ଦ୍ର ନାୟକ, ଶିଳ୍ପ ନିର୍ଦ୍ଦେଶକ କବୀନ୍ଦ୍ର ନାଥ ଖଟାଇ, ସଡ଼ିବି ତରଫରୁ ଉପ ମହାପ୍ରବଂଧକ ସୁଭ୍ରାଂଶୁ ଆଚାର୍ଯ୍ୟ, ସହକାରୀ ମହାପ୍ରବଂଧକ ଏ. ଚନ୍ଦ୍ରମଉଳି, ଅଂଶୀଦାର ପ୍ରଫୁଲ୍ଲ କୁମାର ସ୍ୱାଇଁ, ହରେକୃଷ୍ଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ

DHARITI - 30.7.11

# ଅର୍ଥ ନିଗମର ବାର୍ଷିକ ସାଧାରଣ ଅଧିବେଶନ

କଟକ ଅଫିସ: ଓଡ଼ିଶା ରାଜ୍ୟ ଅର୍ଥ ନିଗମର ୨୦୧୦-୧୧ ଆର୍ଥିକ ବର୍ଷର ୫୪ତମ ସାଧାରଣ ଅଧିବେଶନ ଶୁକ୍ରବାର ଏଠାରେ ଥିବା ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ଅର୍ଥ ନିଗମ ଅଧ୍ୟକ୍ଷ ଟି. ରାମଚନ୍ଦ୍ରୁ ଯୋଗଦେଇ ୨୦୧୦-୧୧ ଆର୍ଥିକ ବର୍ଷର ଲାଭ କ୍ଷତି ବିବରଣୀ ପ୍ରକାଶ କରିଥିଲେ । ବିଗତ ୬ବର୍ଷ ଧରି କ୍ରମାଗତ ଭାବେ ଅର୍ଥ ନିଗମ ଲାଭ କରିଆସୁଛି । ୨୦୧୦-୧୧ରେ ନିଗମ ୬୧ ଲକ୍ଷ ଟଙ୍କା ଲାଭ କରିଥିବା ସେ ସୂଚନା ଦେଇଥିଲେ । ଏହାର ନେଟ୍ ୱର୍ଥ ୨୦୧୧ ମାର୍ଚ୍ଚ ୩୧ ସୁଦ୍ଧା ୧୬.୫୭କୋଟି ଟଙ୍କାରେ ପହଞ୍ଚିଥିବା ବେଳେ କ୍ୟାପିଟାଲ ଏଡିକ୍ୱେସ ରେସିଓ (ସିଏଆର )୧୦.୮୯ ପ୍ରତିଶତରେ ପହଞ୍ଚି ପାରିଛି । ବିଶେଷକରି ୨୦୧୧-୧୨ ଆର୍ଥିକ ବର୍ଷପାଇଁ ନିଗମ ୫୦କୋଟି ଟଙ୍କା ଋଣ ପ୍ରଦାନ କରିବାର ଲକ୍ଷ୍ୟଧାର୍ଯ୍ୟ ରଖି ଏହାର ୧୫ଟି ଶାଖା କାର୍ଯ୍ୟାଳୟକୁ ଉପରୋକ୍ତ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ସୁରେଶଚନ୍ଦ୍ର ନାୟକ, ଶିଳ୍ପ ନିର୍ଦ୍ଦେଶକ କବୀନ୍ଦ୍ର ନାଥ ଖଟାଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# Not Many Takers for State Financial Corporation Loans

Express News Service

**Cuttack**: The Orissa State Financial Corporation (OSFC) has set a loan sanction target of ₹ 50 crore for 2011-12 fiscal even as it is faced with a drought of customers.

The State-run financial institution, which resumed its lending business after six years in 2010-11, did not find many takers among industry and business enterprises. The Corporation could only sanction ₹ 3.94 crore to about six units adding marginally to the cumulative sanction since its inception of ₹ 1,310.20 crore.

The lack of enthusiasm among the customers has been attributed to the halt in lending operations for such a long period. Most of the good customers have migrated to banks and other financial institutions. The loan policy for 2010-11 also contributed as it laid emphasis on financing only standard units, Industries Secretary and OSFC Chairman T Ramachandru observed while chairing the 54th Annual General meeting here.

**THE LACK OF ENTHUSIASM AMONG CUSTOMERS HAS BEEN ATTRIBUTED TO HALT IN LENDING OPERATIONS FOR A LONG PERIOD**

The Corporation has managed to disburse only ₹ 0.71 crore to three units but recovery has made a positive leap accounting for ₹ 42.03 crore against ₹ 40 crore in the preceding 2009-10. This year a target of recovering ₹ 40 crore has been fixed along with disbursal of ₹ 30 crore.

The Chairman also stated that following revamp and restructuring initiatives, the Corporation has earned profit over the last six years. The dip in net profit of ₹ 0.61 crore in 2010-11 against ₹ 1.80 crore in the previous year was on account of lower interest income and higher personnel expenses.

The Corporation has formulated the Loan policy for 2011-12 to broad base and scale up its operations by creating healthy loan portfolios. It is presently hamstrung by being a single product term lending institutions.

For drawing customers and streamlining its operations, it has entered into a tie-up with Union Bank of India for facilitating sanction of working capital and also initiated process of joint financing with SIDBI for risk-sharing. It has also adopted the credit appraisal and rating tools (CART) software of SIDBI for risk rating of credit proposals up to ₹ 1 crore.

Managing Director BK Bose was present.

The New Sunday Express - 31.7.2011

SAMAJ 31.7.11

# ରାଜ୍ୟ ଅର୍ଥନିଗମ ୫୦ କୋଟି ଋଣ ପ୍ରଦାନ କରିବ

କଟକସଦର, ୩୦।୭ (ନି.ପ୍ର.)- ଓଡ଼ିଶା ରାଜ୍ୟ ଅର୍ଥ ନିଗମର ୨୦୧୦-୧୧ ୫୪ତମ ସାଧାରଣ ଅଧିବେଶନ ଏହାର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ନିଗମର ପରିଚାଳନା ନିର୍ଦ୍ଦେଶକ ବିଜୟକୁମାର ବୋଷ ସ୍ୱାଗତ ଭାଷଣ ଦେଇ ରାଜ୍ୟ ସରକାର ଏବଂ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (ସିଡିବି)ଙ୍କ ଏହି ନିଗମ ପ୍ରତି ଥିବା ଆସ୍ଥା ଓ ବିଶ୍ୱାସ ପାଇଁ ସାଧୁବାଦ ଜଣାଇଥିଲେ । ରାଜ୍ୟ ଅର୍ଥନିଗମର ଅଧ୍ୟକ୍ଷ ତଥା ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଟି.ରାମଚନ୍ଦ୍ରୁ ଅଧିବେଶନରେ ଅଧ୍ୟକ୍ଷତା କରି ସେ ୨୦୧୦-୧୧ ଆର୍ଥିକ ବର୍ଷର ଲାଭ କ୍ଷତିର ବିବରଣୀ ପ୍ରକାଶ କରି କହିଥିଲେ ବିଗତ ୬ ବର୍ଷ ଧରି ଧାରାବାହିକ ଭାବରେ ଅର୍ଥନିଗମ ଲାଭ କରିଆସୁଛି । ୨୦୧୦-୧୧ ମସିହାରେ ନିଗମ ୬୧ଲକ୍ଷ ଟଙ୍କା ଲାଭ କରିଥିବାର ସୂଚନା ଦେଇଥିଲେ ।

ବିଗତ ଆର୍ଥିକ ବର୍ଷରେ ନିଗମ ଏହାର କାର୍ଯ୍ୟ ପ୍ରଣାଳୀରେ ଅନେକ ପରିବର୍ତ୍ତନ ଆଣିବା ସହ ନୂତନ ଋଣନୀତି ପ୍ରଣୀତ କରିଛି । କାର୍ଯ୍ୟକାରୀ ପୁଞ୍ଜି ଶିଳ୍ପୋଦ୍ୟୋଗୀମାନଙ୍କୁ ସହଜ ଓ ସ୍ୱଳ୍ପ ସମୟରେ ଉପଲବ୍ଧ କରିବା ଲକ୍ଷ୍ୟନେଇ ନିଗମ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ଚୁକ୍ତିବଦ୍ଧ ହୋଇଥିବାର ପ୍ରକାଶ କରିଥିଲେ । ଋଣ ଗ୍ରହୀତାମାନଙ୍କୁ ଯଥା ସମ୍ଭବ ଉପଯୁକ୍ତ ସେବା ଯୋଗାଇବା ସହିତ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ପ୍ରଚଳିତ ନୀତି ନିୟମ ପରିସର ମଧ୍ୟରେ ଆଶୁ ସମାଧାନ କରିବାକୁ ମଧ୍ୟ ପଦକ୍ଷେପ ନିଆଯାଇଛି । ୨୦୧୧-୧୨ ଆର୍ଥିକ ବର୍ଷ ପାଇଁ ନିଗମ ୫୦ କୋଟି ଟଙ୍କାର ଋଣ ପ୍ରଦାନ କରିବା ଲକ୍ଷ୍ୟଧାର୍ଯ୍ୟ କରି ଏହାର ୧୫ଟି ଶାଖା କାର୍ଯ୍ୟାଳୟକୁ ଉପରୋକ୍ତ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଋଣ ଆଦାୟ କ୍ଷେତ୍ରରେ ନିଗମ ବିଗତ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ ୪୦ କୋଟି ଟଙ୍କାକୁ ଅତିକ୍ରମ କରିଥିବାରୁ ଅଧିବେଶନରେ ସନ୍ତୋଷ ପ୍ରକାଶ ପାଇଥିଲା । ଏହି ଅଧିବେଶନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ସୁରେଶଚନ୍ଦ୍ର ନାୟକ, ଶିଳ୍ପ ନିର୍ଦ୍ଦେଶକ କବିନ୍ଦ୍ରନାଥ ଖଟାଇ, ସିଡିବି ତରଫରୁ ଉପମହାପ୍ରବନ୍ଧକ ଶୁଭ୍ରାଂଶୁ ଆଚାର୍ଯ୍ୟ, ସହକାରୀ ମହାପ୍ରବନ୍ଧକ ଏ.ଚନ୍ଦ୍ର ମଉଳି, ଅଂଶୀଦାର ପ୍ରଫୁଲ୍ଲକୁମାର ସ୍ୱାଇଁ, ହରେକୃଷ୍ଣ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।